# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 13 October – 2025

*************************************

## ମୁଖ୍ୟ ସମ୍ବାଦ

- ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି; କହିଲେ ମୁଖ୍ୟମନ୍ତ୍ରୀ

– ବୃନ୍ଦାବତୀ ନିବାସରେ ହବିଷ୍ୟାଳୀଙ୍କ ସହ କଲେ ଭାବବିନିମୟ

- ଦେଶର ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ଆରମ୍ଭ ହେଲା ବିକଶିତ ଭାରତ ବିଲ୍ଡାଥନ-୨୦୨୫

– ୩ ଲକ୍ଷ ବିଦ୍ୟାଳୟର ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କଲେ ଅଂଶଗ୍ରହଣ

- ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଧିବଦ୍ଧ ବିଜ୍ଞପ୍ତି

ଏବଂ

- ଅଭିନବୀକରଣ ଆଧାରିତ ଅର୍ଥନୀତିକ ଅଭିବୃଦ୍ଧି ସମ୍ପର୍କିତ ଗବେଷଣା ପାଇଁ ତିନି ଜଣ ଅର୍ଥନୀତିଜ୍ଞଙ୍କୁ ନୋବେଲ ପୁରସ୍କାର

# ମୁଖ୍ୟମନ୍ତ୍ରୀ– ହବିଷ୍ୟାଳୀ

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ପୁରୀରେ ଆଜି ବୃନ୍ଦାବତୀ ନିବାସରେ ହବିଷ୍ୟାଳୀ କାର୍ତ୍ତିକ ବ୍ରତ ଯୋଜନାରେ ଅର୍ନ୍ତଭୁକ୍ତ  ହବିଷ୍ୟାଳୀମାନଙ୍କ ସହ ଭାବବିନିମୟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପୁରୀ କେବଳ ଏକ ସ୍ଥାନ ନୁହେଁ ବରଂ ଏକ ଭାବନା । ଏହା ପ୍ରତ୍ୟେକ ଓଡ଼ିଆଙ୍କ ଭାବାବେଗ ସହ ଜଡ଼ିତ । ପୁରୀକୁ ମହାନଗର ନିଗମରେ ପରିଣତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହାସହ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ସ୍ଥାପନ ଲାଗି ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ହବିଷ୍ୟାଳୀ ମା’ମାନଙ୍କ ରହଣି ସ୍ଥଳ ଏବଂ ସେବାଗୁଡ଼ିକର ବିସ୍ତାର କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ହବିଷ୍ୟାଳୀ ପରମ୍ପରାକୁ ପିଢ଼ି ପରେ ପିଢ଼ି ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଛନ୍ତି ।

**- V/O -**

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ପୁରୀସ୍ଥିତ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କରେ ଆୟୋଜିତ ଭାରତୀୟ ଜ୍ଞାନ, ପରମ୍ପରା ସମ୍ପର୍କିତ ଆଲୋଚନାଚକ୍ରରେ ଯୋଗଦେଇ ଆଗାମୀ ଦିନରେ ଓଡ଼ିଶା ଭାରତୀୟ ଶିକ୍ଷା ଓ ସଂସ୍କୃତିର ନେତୃତ୍ୱ ଗ୍ରହଣ

କରିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଜାତୀୟ ଶିକ୍ଷାନୀତି-୨୦୨୦ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି। ଏଥିରେ ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳତାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

Desk

## ପ୍ରଧାନ- ବିକଶିତ ଭାରତ ବିଲ୍ଡାଥନ

ବିକଶିତ ଭାରତ ବିଲ୍ଡାଥନ ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀରୁ ବିଦ୍ୟାଳୟଗୁଡ଼ିକରେ ବିକଶିତ ଭାରତ ବିଲ୍ଡାଥନ-୨୦୨୫କୁ ଉଦ୍‌ଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି, ଭାରତର ବୃହତ୍ତମ ସ୍କୁଲ ହାକାଥନ କାର୍ଯ୍ୟକ୍ରମରୁ ସୃଷ୍ଟି ହୋଇଥିବା ଅଭିନବ ବିଚାରଗୁଡ଼ିକ ନୂତନ ବିଶ୍ୱ ମଡେଲ ସୃଷ୍ଟି କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶର ୩ ଲକ୍ଷରୁ ଅଧିକ ବିଦ୍ୟାଳୟର ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ୍ ମିଶନ, ନୀତି ଆୟୋଗ ଏବଂ ଏ.ଆଇ.ସି.ଟି.ଇ. ସହଯୋଗରେ ଆୟୋଜନ କରାଯାଉଛି।

Nuapada (Repeat)

# ବିଜ୍ଞପ୍ତି-ଉପନିର୍ବାଚନ

ନୂଆପଡ଼ା ଉପନିର୍ବାଚନ ପାଇଁ ଆଜି ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରାର୍ଥୀମାନେ ଆଜିଠାରୁ ୨୦ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ କରିପାରିବେ । ୨୨ ତାରିଖରେ ନାମାଙ୍କନ ଯାଞ୍ଚ ଏବଂ ୨୪ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବା ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ । ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରାଯାଇଛି । ତେବେ ବିଜେପି ଓ ବିଜେଡ଼ି ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ନାହିଁ ।

ନୂଆପଡ଼ାର ୩୫୮ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ । ୪୭ଟି ସମ୍ବେଦନଶୀଳ ବୁଥ୍‌ରେ ସକାଳ ୭ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍‌ଗ୍ରହଣ କରାଯିବ ବୋଲି ବିଧାନସଭା ଉପନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀ ସୁର୍ମି ସୋରେନ୍ କହିଛନ୍ତି । ଅବଶିଷ୍ଟ ୩୧୧ଟି ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ନେଇ ନିର୍ବାଚନୀ ସଂକ୍ରାନ୍ତ ନୋଟିସ୍ ଜାରି କରାଯାଇଛି । ନୂଆପଡ଼ା ବିଧାନସଭା

ନିର୍ବାଚନ ମଣ୍ଡଳୀରେ ଚଳିତବର୍ଷ ମୋଟ୍ ୨ ଲକ୍ଷ ୫୩ ହଜାର ୬୨୪ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଉପନିର୍ବାଚନରେ ଦୁର୍ଗମ ଅଞ୍ଚଳର ୫ଟି ସ୍ଥାନରେ ୮ଟି ବୁଥ୍‌ରେ ଭୋଟରଙ୍କ ଯାତାୟାତକୁ ସୁଗମ କରିବା ଲାଗି ହେଲିକପ୍ଟର ବ୍ୟବହାର କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍.ଗୋପାଳନ କହିଛନ୍ତି। ଉପନିର୍ବାଚନ ରିଟର୍ଣ୍ଣିଂ ଅଧିକାରୀଙ୍କ କାର୍ଯ୍ୟାଳୟରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

Desk

# ନୋବେଲ ପୁରସ୍କାର

ଚଳିତ ବର୍ଷ ପାଇଁ ୩ ଜଣ ଅର୍ଥନୀତିଜ୍ଞଙ୍କୁ ନୋବେଲ ପୁରସ୍କାର ଲାଗି ମନୋନୀତ କରାଯାଇଛି। ବିଶ୍ୱର ୩ ଜଣ ବିଶିଷ୍ଟ ଅର୍ଥନୀତିଜ୍ଞ ଜୋଏଲ ମୋକିର, ଫିଲିପେ ଏଘିଓନ ଏବଂ ପିଟର ହୋୱିଟଙ୍କୁ ଅର୍ଥନୀତି ବିଜ୍ଞାନ ପାଇଁ ଚଳିତ ବର୍ଷ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ଅଭିନବୀକରଣ ଆଧାରିତ ଅର୍ଥନୈତିକ ଅଭିବୃଦ୍ଧି ଉପରେ ବିଶ୍ଲେଷଣ ପାଇଁ ସେମାନଙ୍କୁ ଏହି ପୁରସ୍କାର ଦିଆଯିବ।

Kendrapara

# ଗଜଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା ଜିଲ୍ଲାରେ ଗଜଲକ୍ଷ୍ମୀ ପୂଜା ଶେଷ ହେବା ପରେ ଆଜି ମଧ୍ୟାହ୍ନରୁ ମେଳଣ ପର୍ବ ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ

ମେଢ଼ଗୁଡ଼ିକ ଭୋଗ ଖାଇବା ପରେ ସାହିବସ୍ତି ପରିକ୍ରମା କରୁଛନ୍ତି । ବିଭିନ୍ନ ପୂଜାମଣ୍ଡପ ସାହି ବସ୍ତିରୁ ଶୋଭାଯାତ୍ରାରେ ମେଢ଼ଗୁଡ଼ିକ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ମେଳଣ ପଡ଼ିଆରେ ଏକତ୍ରୀତ ହେବାରେ ଲାଗିଛନ୍ତି । ଆଜି ମଧ୍ୟରାତ୍ରୀ ସୁଦ୍ଧା ସମସ୍ତ ମେଢ଼ ମେଳଣ ପଡ଼ିଆରେ ପହଁଞ୍ଚିବେ । ଆସନ୍ତାକାଲିଠାରୁ ଦୁଇଦିନବ୍ୟାପୀ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ସହରରେ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

Baragrh/Rayagada/Sambalpur/Deogarh/N.garh/

## ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକରେ ଆଜି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ୧୩୨ଟି ମାମଲାର ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ୨୬ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୪୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା ।

ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମ୍ବଲପୁର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କର ମିଳିତ ଜନଅଭିଯୋଗ ଶୁଣାଣିରେ ମୋଟ ୫୬ଟି ଆବେଦନ ଗ୍ରହଣ କରାଯାଇଥିଲା । ୮ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇ ତିନି ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୪ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି ।

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଭାଗୃହଠାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୭୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।

ବରଗଡ଼ ଜିଲ୍ଲା ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି ଶିବିରରେ ପଞ୍ଜୀକୃତ ହୋଇଥିବା ସମସ୍ତ ୩୧ଟି ମାମଲା ଶୁଣାଣି ହୋଇଛି । ଅଭିଯୋଗର ଶୁଣାଣି କରି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୁଣାଣି ଶିବିରରେ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ଶିବିରରେ ୬ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇ ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ପଞ୍ଜୀକୃତ ୮୭ଟି ଅଭିଯୋଗଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଭଦ୍ରକ ଜିଲ୍ଲା ବନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ୮୫ଟି ମାମଲା ମଧ୍ୟରୁ ୧୬ଟିର ଶୁଣାଣି କରାଯାଇ ୧୧ ଜଣଙ୍କୁ ଜିଲ୍ଲା ରେଡକ୍ରସ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪୦ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଛି।

Nuapada

## ତାଲିମ ଶିବିର

ନୂଆପଡ଼ା ଜିଲ୍ଲାପାଳ ସମ୍ମିଳନୀ କକ୍ଷଠାରେ ଇଭିଏମ୍ ଓ ଭିଭିପାଟ୍‌ର ବ୍ୟବହାରିକ ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାତୀୟସ୍ତରୀୟ ପ୍ରଶିକ୍ଷକମାନେ ଜିଲ୍ଲାସ୍ତରୀୟ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ନୂଆପଡ଼ା ବିଧାନସଭା ଉପନିର୍ବାଚନକୁ ନିରପେକ୍ଷ, ମୁକ୍ତ ଏବଂ ଅବାଧ କରିବାରେ ଏହି ପ୍ରଶିକ୍ଷଣ ସହାୟକ ହେବ ବୋଲି ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି।

Desk

# ବିପର୍ଯ୍ୟୟ ପ୍ରଶମନ ଦିବସ

ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି । ବିପର୍ଯ୍ୟୟ ସଂପର୍କିତ ସମସ୍ୟାର ନିରାକରଣ ଓ ପ୍ରଶମନ ଦିଗରେ ସଚେତନତା ସୃଷ୍ଟି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଏହି ଦିବସ ପାଳନ କରାଯାଉଛି ।

Nayagarh

## ଫୁଟବଲ ଟୁର୍ଣ୍ଣାମେଣ୍ଟ

ନୟାଗଡ଼ ଜିଲ୍ଲାର ଓଡ଼ଗାଁ ରଘୁନାଥ ଆଥଲେଟିକ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ନାଗମୁଣ୍ଡୁଳି ଦଳ ଚମ୍ପିଆନ ହୋଇଛି। ରଘୁନାଥ ଆଥଲେଟିକସ ଆସୋସିଏସନ୍‌କୁ ୨-୦ ଗୋଲ୍‌ରେ ହରାଇ ନାମମୁଣ୍ଡୁଳି ଦଳ ବିଜୟୀ ହୋଇଥିଲା ।

Desk

# ପାଣିପାଗ

ରାଜ୍ୟର କେତେକ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ମୌସୁମୀ ବାୟୁ ସମ୍ପୂର୍ଣ୍ଣଭାବେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ପାଗ ଅନୁକୂଳ ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ସମୟ ମଧ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା

ମଧ୍ୟରେ ବର୍ଷା ହେବା ନେଇ ୧୭ଟି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।